# NATIONAL NEWS BULLETIN (ODIA)

**14 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରୀୟ ଏକତା ସୃଷ୍ଟିରେ ହିନ୍ଦୀ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ହିନ୍ଦୀ ଦିବସ ଅବସରରେ  କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀରେ ଐତିହାସିକ ନୂଆଦିଲ୍ଲୀ ଘୋଷଣାନାମା ବିଶ୍ୱସ୍ତରରେ ଭାରତର ବୃଦ୍ଧି ପାଉଥିବା ପ୍ରଭାବର ବଳିଷ୍ଠ ପ୍ରମାଣ, କହିଛନ୍ତି ପ୍ରତିରକ୍ଷାମନ୍ତ୍ରୀ

- ଆଜି ଗଣେଶ ଚତୁର୍ଥୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ପାକିସ୍ତାନରେ କୋଇଲାଖଣି ବିସ୍ଫୋରଣରେ ୪ଜଣଙ୍କ ମୃତ୍ୟୁ

ଏବଂ

- ଏସିଆ କପ୍ ହକି ବିଜୟ ପରେ କନିଷ୍ଠ ମହିଳା ଓ ପୁରୁଷ ଦଳକୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

---

## ଶାହା-ହିନ୍ଦୀ ଦିବସ

ଭାରତରେ ଅନେକ ଭାଷାର ବ୍ୟବହାର ଦେଶର ସବୁଠୁ ବଡ଼ ଶକ୍ତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ଆଜି ହିନ୍ଦୀ ଦିବସ ଅବସରରେ ଏକ ଭିଡ଼ିଓ ବାର୍ତ୍ତା ଜରିଆରେ ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ହିନ୍ଦୀ

ଭାଷା ଅନ୍ୟ କୌଣସି ଭାଷାର ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ବରଂ ରାଷ୍ଟ୍ରୀୟ ଏକତା ସୃଷ୍ଟି ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ସେ କହିଛନ୍ତି, ଉପନିବେଶବାଦୀ ମାନସିକତାରୁ ମୁକ୍ତି କ୍ଷେତ୍ରରେ ଭାଷା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସେ କହିଛନ୍ତି, ବ୍ରିଟିଶ ନିୟମ ବଦଳରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମର ପ୍ରଚଳନ କେବଳ ଶବ୍ଦର ପରିବର୍ତ୍ତନ ନୁହେଁ, ବରଂ ଆତ୍ମସମ୍ମାନର ପୁନଃସ୍ଥାପନ । ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହିନ୍ଦୀ ଏବଂ ଅନ୍ୟ ସମସ୍ତ ଭାଷା ଗୁଡ଼ିକର କୌଶଳଗତ ବିକାଶ କରାଯାଉଛି । ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତ୍ତା ଜରିଆରେ ଭାରତୀୟ ଭାଷାଗୁଡ଼ିକର ସହଜରେ ଅନୁବାଦ କରାଯିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି ।

ନୂତନ ଶିକ୍ଷାନୀତି ସଂପର୍କରେ  ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ନୁତନ ଶିକ୍ଷାନୀତିର କେନ୍ଦ୍ରରେ ମାତୃଭାଷା ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି ଏବଂ ଇଞ୍ଜିନିୟରିଂ ତଥା ଚିକିତ୍ସା ପାଠ୍ୟକ୍ରମ ମଧ୍ୟ କେତେକ ଭାରତୀୟ ଭାଷାରେ ଜାରି ରହିଛି । ଶ୍ରୀ ଶାହା କହିଛନ୍ତି, ଭାରତର ସଂସ୍କୃତି, ଯୋଗ, ଆୟୁର୍ବେଦ ଏବଂ ଅନ୍ୟାନ୍ୟ ପ୍ରମୁଖ ଉପଲବ୍ଧି ଭାଷା ମାଧ୍ୟମରେ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚି ପାରୁଛି । ଆଜିର ଯୁବପିଢ଼ି ନିଜ ମାତୃଭାଷା ସଂପର୍କରେ ଜାଣିବା ସହ ପିତାମାତାଙ୍କ ସହ ମାତୃଭାଷାରେ କଥାବାର୍ତ୍ତା କରିବା ଲାଗି ଆହ୍ୱାନ ଦେଇଛନ୍ତି । ନାଗରିକମାନେ ମାତୃଭାଷାରେ କଥା ହେଲାବେଳେ ଲଜ୍ଜିତ ଅନୁଭବ ନ କରିବା ଲାଗି ଶ୍ରୀ ଶାହା କହିଛନ୍ତି । ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଭାଷାକୁ ଏକ ପ୍ରମୁଖ ଆୟୁଧ

ଭାବେ ବ୍ୟବହାର କରିବା ଲାଗି ଶ୍ରୀ ଶାହା ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି ।

**V/O (Shah- Hindi Divas)**

ସାରା ଦେଶରେ ଆଜି 'ହିନ୍ଦୀ ଦିବସ' ପାଳନ କରାଯାଉଛି। ୧୯୪୯ ମସିହା ଆଜିର ଦିନରେ ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲିଖିତ ହିନ୍ଦୀକୁ ଦେଶର ରାଜଭାଷା ଭାବରେ ଗ୍ରହଣ କରିଥିଲା। ବର୍ତ୍ତମାନ ହିନ୍ଦୀ ବିଶ୍ୱର ଅନ୍ୟତମ ବ୍ୟାପକ ଭାବେ କଥିତ ଭାଷା ଏବଂ ୫୨ କୋଟିରୁ ଅଧିକ ଲୋକଙ୍କର ମାତୃଭାଷା ଭାବେ ବ୍ୟବହାର ହେଉଛି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଆଜି ନଭି ମୁମ୍ବାଇରେ ଆୟୋଜିତ ହେବାକୁ ଥିବା 'ହିନ୍ଦୀ ଦିବସ' କାର୍ଯ୍ୟକ୍ରମ ଏବଂ ଷଷ୍ଠ 'ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ' ଉଦ୍‌ଘାଟନ କରିବେ । ଉଦ୍‌ଘାଟନୀ ଅଧିବେଶନରେ ଆଜି ଶ୍ରୀ ଶାହ ୨୦୨୫-୨୬ ବର୍ଷ ପାଇଁ 'ରାଜଭାଷା ଗୌରବ' ଏବଂ 'ରାଜଭାଷା କୀର୍ତ୍ତି' ପୁରସ୍କାର ପ୍ରଦାନ କରିବେ।

---

# ରାଜନାଥ-ବ୍ରିକ୍ସ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀର ସଫଳ ଆୟୋଜନ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ସିଂ କହିଛନ୍ତି, ଏହି ସମ୍ମିଳନୀର ସଫଳତା ବିଶ୍ୱସ୍ତରୀୟ ମଞ୍ଚରେ ଭାରତର ଦୃଢ଼ ପ୍ରତିଛବି ସୃଷ୍ଟି କରିଛି । ଐତିହାସିକ ନୂଆଦିଲ୍ଲୀ ଘୋଷଣାନାମା ବିଶ୍ୱସ୍ତରରେ ଭାରତର ବୃଦ୍ଧି ପାଉଥିବା ପ୍ରଭାବର ବଳିଷ୍ଠ ପ୍ରମାଣ ବୋଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂ କହିଛନ୍ତି, ବ୍ରିକ୍ସ ଶିଖର ସମ୍ମିଳନୀରେ ନବସୃଜନ,

ସହନଶୀଳତା, ସହଯୋଗ ଏବଂ ସ୍ଥିରତାକୁ ପ୍ରାଥମିକତା ଦିଆଯାଇଛି । ଭାରତ ବ୍ରିକ୍ସ ସହଯୋଗକୁ ସାଧାରଣ ଲୋକଙ୍କ ସହ ଯୋଡ଼ିବା ଉଦ୍ଦେଶ୍ୟରେ ଗ୍ଲୋବାଲ୍ ସାଉଥ୍‌କୁ ପ୍ରତିଟି କ୍ଷେତ୍ରର କେନ୍ଦ୍ରବିନ୍ଦୁ ଭାବେ ଉପସ୍ଥାପନ କରିଛି । ଶ୍ରୀ ସିଂ କହିଛନ୍ତି, ବିଶ୍ୱସ୍ତରରେ ସମାବେଶୀ, ପ୍ରତିନିଧିତ୍ୱପୂର୍ଣ୍ଣ ଏବଂ ସନ୍ତୁଳନ ବ୍ୟବସ୍ଥାକୁ ଦୃଢ଼ କରିବା ଲାଗି ଭାରତ ନିଜର ପ୍ରତିବଦ୍ଧତା ଦୋହରାଇଛି ।

---

## ଗଣେଶ ଚତୁର୍ଥୀ

ସାରା ଦେଶରେ ଆଜି ଗଣେଶ ଚତୁର୍ଥୀ ପର୍ବ ଅତ୍ୟନ୍ତ ଭକ୍ତିଭାବର ସହ ପାଳନ କରାଯାଉଛି। ଏହି ଦିନ  ଜ୍ଞାନ, ସମୃଦ୍ଧି ଏବଂ ସୌଭାଗ୍ୟର ପ୍ରତୀକ ପ୍ରଭୁ ଗଣେଶଙ୍କ ଜନ୍ମୋତ୍ସବ ପାଳନ କରାଯାଇଥାଏ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଣେଶ ଚତୁର୍ଥୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି କହିଛନ୍ତି ପ୍ରଭୁ ଗଣେଶ ଜ୍ଞାନ, ସମୃଦ୍ଧି ଏବଂ ଶୁଭାରମ୍ଭର ପ୍ରତୀକ । ଗଣେଶ ଚତୁର୍ଥୀ ପର୍ବ ଆମ ଜୀବନରେ ଶକ୍ତି, ଜ୍ଞାନ ଏବଂ ସକାରାତ୍ମକତା ଆଣିଥାଏ। ସେ କହିଛନ୍ତି ଏହି ପବିତ୍ର ପର୍ବ ସମସ୍ତଙ୍କୁ ଜୀବନରେ ନୂତନ ସଂକଳ୍ପ ସହ ପ୍ରଗତିର ପଥରେ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ  ପ୍ରଭୁ ଗଣେଶ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ଆଣନ୍ତୁ ବୋଲି କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଘ୍ନ ବିନାଶନ ପ୍ରଭୁ ଗଣେଶଙ୍କ ପୂଜା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସଂସ୍କୃତ 'ସୁଭାଷିତମ୍' ପୋଷ୍ଟ୍ କରି ଶ୍ରୀ ମୋଦୀ

କହିଛନ୍ତି, ଏହା ସମସ୍ତଙ୍କୁ ନୂତନ ଶକ୍ତି ପ୍ରଦାନ କରୁ ଏବଂ ସମସ୍ତଙ୍କ ଜୀବନ ସୁଖମୟ ହେଉ ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଗଣେଶ ଚତୁର୍ଥୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଦିଲ୍ଲୀସ୍ଥିତ ବିଜେପି କାର୍ଯ୍ୟାଳୟରେ ପ୍ରଭୁ ଗଣେଶଙ୍କ ପ୍ରତି ପ୍ରାର୍ଥନା ନିବେଦନ କରି ଶ୍ରୀ ନବୀନ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମସ୍ତ ନାଗରିକଙ୍କ ଜୀବନ ସୁଖ ସମୃଦ୍ଧିରେ ଭରିଯାଉ ବୋଲି କାମନା କରିଛନ୍ତି ।

---

## ପାକ୍-ଏକ୍ସପ୍ଲୋଜନ୍

ପାକିସ୍ତାନର ଦକ୍ଷିଣ-ପଶ୍ଚିମ ବଲୁଚିସ୍ତାନ ଅଞ୍ଚଳରେ ଏକ କୋଇଲା ଖଣିରେ ଗ୍ୟାସ୍ ବିସ୍ଫୋରଣ ଯୋଗୁଁ ୪ ଜଣଙ୍କ ମୃତ୍ୟୁ ହୋଇଛି । ଏହି ବିସ୍ଫୋରଣରେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି । ସଂପୃକ୍ତ କୋଇଲା ଖଣିରେ ଗ୍ୟାସ୍ ସୃଷ୍ଟି ହେବା ଫଳରେ ବିସ୍ଫୋରଣ ଘଟିଥିବା ପ୍ରାଥମିକ ଭାବେ ଆକଳନ କରାଯାଇଛି । ସୂଚନାଯୋଗ୍ୟ ଗତମାସରେ ମଧ୍ୟ ବଲୁଚିସ୍ତାନର ଅନ୍ୟ ଏକ ଖଣିରେ ବିଷାକ୍ତ ମିଥେନ ଗ୍ୟାସ୍ ପ୍ରଭାବରେ ୩ ଜଣ ଖଣି ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା ।

---

## ଏସିଆ କପ୍ କ୍ରିକେଟ୍

ଦୁବାଇରେ ଅନୁଷ୍ଠିତ ମହିଳା ଏସିଆ କପ୍ କ୍ରିକେଟ୍ ଫାଇନାଲରେ ଭାରତର ବିଜୟ ହାସଲ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବାଚସ୍ପତି ଓମ୍ ବିର୍ଲା ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ଭାରତୀୟ ମହିଳା କ୍ରିକେଟ୍ ଦଳ ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ

ମ୍ୟାଚ୍‌ରେ ବିଜୟ ହାସଲ କରି ଦେଶକୁ ଗୌରବାନ୍ୱିତ କରିଛି । ଦେଶର ଯୁବ ଖେଳାଳିଙ୍କ ପାଇଁ ସେମାନେ ପ୍ରେରଣାର ଉତ୍ସ ହୋଇପାରିଛନ୍ତି ବୋଲି କହିବା ସହ ରାଷ୍ଟ୍ରପତି ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଅଷ୍ଟମ ଥର ପାଇଁ ମହିଳା ଟି-୨୦ ଏସିଆ କପ୍ ଜିତିଥିବାରୁ ଭାରତୀୟ ମହିଳା କ୍ରିକେଟ୍ ଦଳକୁ ଅଭିନନ୍ଦନ ଜଣାଇଛନ୍ତି । ଖେଳାଳିମାନଙ୍କ ଅବିଶ୍ୱସନୀୟ ପ୍ରଦର୍ଶନ ଏବଂ ଦୃଢ଼ ଲକ୍ଷ୍ୟ ଦେଶକୁ ଗୌରବ ଆଣିଦେଇଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ମହିଳା କ୍ରିକେଟ୍ ଖେଳାଳିଙ୍କ ଆତ୍ମବିଶ୍ୱାସ, ଧୈର୍ଯ୍ୟ ଓ ଏକାଗ୍ରତାକୁ ପ୍ରଶଂସା କରିଛନ୍ତି । ଶ୍ରୀମୋଦୀ କହିଛନ୍ତି, ଲକ୍ଷ ଲକ୍ଷ ଯୁବ ଖେଳାଳିଙ୍କ ଆତ୍ମବିଶ୍ୱାସକୁ ସେମାନଙ୍କ ପ୍ରଦର୍ଶନ ଦୃଢ଼ କରିବ ।

ବାଚସ୍ପତି ଓମ୍ ବିର୍ଲା ଭାରତୀୟ ମହିଳା କ୍ରିକେଟ୍ ଖେଳାଳିମାନଙ୍କୁ ଦେଶର ଝିଅ ଭାବେ ବର୍ଣ୍ଣନା କରି ସେମାନେ ଯୁବପିଢ଼ିର ସ୍ୱପ୍ନକୁ ସାକାର କରିଛନ୍ତି ବୋଲି କହିଛନ୍ତି । ସୂଚନାଯୋଗ୍ୟ ଗତକାଲି ଅନୁଷ୍ଠିତ ଏସିଆକପ୍ ମହିଳା ଟି-୨୦ ଫାଇନାଲ୍ ପ୍ରତିଯୋଗିତାରେ ଭାରତ ୭୨ ରନ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରି ଅଷ୍ଟମ ଥର ପାଇଁ ଟାଇଟଲ୍ ହାସଲ କରିଛି। ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ

୧୮୩ ରନ୍  କରିଥିବା ବେଳେ ଶ୍ରୀଲଙ୍କା ୧୯ ଓଭର ୪ଟି ବଲ୍‌ରେ ସମସ୍ତ ଓ୍ୱିକେଟ ହରାଇ ୧୧୧ ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା ।

..............................................................................